# NATIONAL NEWS BULLETIN (ODIA)
## 04th May - 2025
## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ନ୍ୟାୟ ପ୍ରଦାନ କ୍ଷେତ୍ରରେ ମଧ୍ୟସ୍ଥତା ଏକ ଆବଶ୍ୟକ ଅଂଶ ବୋଲି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀର ଆଜି ଶେଷ ଦିନରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ।
- ଚାରିଧାମ ଯାତ୍ରାପାଇଁ ରେଳ ବିଭାଗ ପକ୍ଷରୁ ଚଳାଚଳ କରିବ ଭାରତ ଗୌରବ ଡିଲକ୍ସ ଟ୍ରେନ୍ ।
- ଦେଶର ୫ ହଜାରରୁ ଅଧିକ ପରୀକ୍ଷା କେନ୍ଦ୍ରରେ ଆଜି ଅନୁଷ୍ଠିତ ହେବ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା ନୀଟ୍ ୟୁ.ଜି.-୨୦୨୫ ।

ଏବଂ

- ଆଇ.ପି.ଏଲ୍.ର ଗତକାଲି ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ୨ ରନ୍‌ରେ ପରାସ୍ତ କଲା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ।

## ପ୍ରେଜ୍ - ମେଡିଟେସନ୍

ନ୍ୟାୟ ପ୍ରଦାନରେ ମଧ୍ୟସ୍ଥତା ଏକ ଆବଶ୍ୟକୀୟ ଅଂଶ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ମଧ୍ୟସ୍ଥତା କେବଳ ବିଚାରାଧୀନ ନିର୍ଦ୍ଦିଷ୍ଟ ମାମଲାରେ ନୁହେଁ ବରଂ ଅନ୍ୟ ପ୍ରସଙ୍ଗରେ ଏହା ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ ବୋଲି ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ଆସନ୍ତା ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ମଧ୍ୟସ୍ଥତା ହିଁ ଏକ ପ୍ରମୁଖ ଉପକରଣ ବୋଲି ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ମଧ୍ୟସ୍ଥତା ସଂଘର ଶୁଭାରମ୍ଭ କରିବା ସହ ପ୍ରଥମ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ୨୦୨୫ର ଉଦ୍‌ଘାଟନୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ଆଲୋଚନା, ବୁଝାମଣା ଏବଂ ସହଯୋଗକୁ ମଧ୍ୟସ୍ଥତା ହିଁ ପ୍ରୋତ୍ସାହିତ କରିଥାଏ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସୁପ୍ରିମ୍‌କୋର୍ଟ୍‌ର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା କହିଛନ୍ତି, ଗତ ଦୁଇ ଦଶନ୍ଧି ମଧ୍ୟରେ ବିଭିନ୍ନ ବିବାଦର ସମାଧାନର ମଧ୍ୟସ୍ଥତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଏହି

ସମ୍ମିଳନୀରେ ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ବି.ଆର୍. ଗଭାଇ, ଆଟର୍ଣ୍ଣି ଜେନେରାଲ୍ ଆର୍. ଭେଙ୍କଟରମଣି, ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଏମ୍.ଇ.ଏ. - ଆଙ୍ଗୋଲା ପ୍ରେଜ୍ ଭିଜିଟ୍

ଭାରତ ଏବଂ ଆଙ୍ଗୋଲା ମଧ୍ୟରେ କୃଷି, ପାରମ୍ପରିକ ଔଷଧ ଏବଂ ସଂସ୍କୃତି ସମେତ ବିଭିନ୍ନ କ୍ଷେତ୍ରରେ ଏକାଧିକ ବୁଝାମଣାପତ୍ରରେ ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆଙ୍ଗୋଲା ରାଷ୍ଟ୍ରପତି ଜୋଆଓ ମାନୁଏଲ୍ ଗନ୍‌କାଲଭସ୍ ଲୋରେନ୍‌କୋଙ୍କ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷରିତ ହୋଇଛି । ବୈଠକରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆଙ୍ଗୋଲାକୁ ଭାରତୀୟ ମୁଦ୍ରାର ୨୦୦ ନିୟୁତ ଡଲାର ମୂଲ୍ୟର ପ୍ରତିରକ୍ଷା ସହାୟତା ପ୍ରଦାନ କରିଛନ୍ତି । ଆଙ୍ଗୋଲା ଭାରତରୁ ପ୍ରତିରକ୍ଷା ଉପକରଣ କ୍ରୟ କରିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ଦାମୁ ରବି କହିଛନ୍ତି ।

ଆଙ୍ଗୋଲା ରାଷ୍ଟ୍ରପତି ଭାରତରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଦେଶବାସୀଙ୍କୁ ସମର୍ଥନ ଜଣାଇଛନ୍ତି ବୋଲି ସେ କହିଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନାରେ ବର୍ତ୍ତମାନର ସମ୍ପର୍କର ଆକଳନ ସହିତ ସହଯୋଗର ନୂତନ ଏବଂ ଭବିଷ୍ୟତ

କ୍ଷେତ୍ରର ଅନୁସନ୍ଧାନ ସମେତ ଅନେକ ପ୍ରସଙ୍ଗ ରହିଛି ବୋଲି ଶ୍ରୀ ରବି କହିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଙ୍ଗୋଲା ରାଷ୍ଟ୍ରପତିଙ୍କୁ ଭେଟିବା ପରେ ଆତଙ୍କବାଦ ମାନବିକତା ପାଇଁ ଏକ ବଡ଼ ବିପଦ ବୋଲି ଦୋହରାଇବା ସହ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଆଙ୍ଗୋଲାର ସମବେଦନା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

***Voice (Modi on terrorism)*** :.......

ଆଙ୍ଗୋଲା ସେନାର ଆଧୁନିକୀକରଣ ପାଇଁ ଭାରତ ଏକ ପ୍ରତିରକ୍ଷା କ୍ରେଡିଟ୍ ଲାଇନ୍ ଅନୁମୋଦନ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଙ୍ଗୋଲା ସଶସ୍ତ୍ର ବାହିନୀର ପ୍ରଶିକ୍ଷଣରେ ସହଯୋଗ କରି ଭାରତ ଆନନ୍ଦିତ ବୋଲି ଶ୍ରୀ ମୋଦୀ ଅଭିହିତ କରିଛନ୍ତି ।

***Voice (Modi Mordernisation)*** :.......

ଆଜି, ଆଙ୍ଗୋଲା ରାଷ୍ଟ୍ରପତି ନୂଆଦିଲ୍ଲୀରେ ଏକ ବ୍ୟବସାୟିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏଥିରେ ଦୁଇ ଦେଶ ମଧ୍ୟରେ ପୁଞ୍ଜିନିବେଶ ଏବଂ ବାଣିଜ୍ୟିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାପକ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

## ୱେଭ୍ସ - ସମ୍ମିଟ୍

ମୁମ୍ବାଇରେ ଚାଲିଥିବା ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ-୨୦୨୫ର ଆଜି ଶେଷ ଦିନରେ ଚଳଚ୍ଚିତ୍ର ନିର୍ମାଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ସ୍ୱତନ୍ତ୍ର ଆଲୋଚନା ହେବ । ଗତ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଚାରିଦିନିଆ ଶିଖର ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ସମ୍ମିଳନୀର ବିଷୟବସ୍ତୁ ରହିଛି "Connecting Creators : Connecting Countries-ନିର୍ମାତାମାନଙ୍କୁ ଯୋଡ଼ିବା, ଦେଶ ଯୋଡ଼ିବା" । ଏହି ସମ୍ମିଳନୀ ଭାରତକୁ ଗଣମାଧ୍ୟମ, ମନୋରଞ୍ଜନ ଏବଂ ଡିଜିଟାଲ୍ ଇନୋଭେସନ୍ ପାଇଁ ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ସ୍ଥାନିତ କରିବାକୁ ଯାଉଛି । ସମ୍ମିଳନୀରେ ୯୦ରୁ ଅଧିକ ଦେଶର ୧୦ ହଜାରରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି ।

## ୱେଭ୍ସ - ବଜାର

ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀରେ ୱେଭ୍ସ ବଜାରର ଉଦ୍‌ଘାଟନୀ ସଂସ୍କରଣ ସଫଳତାର ସହ ଶେଷ ହୋଇଛି ।

ସୃଜନଶୀଳ ଶିଳ୍ପରେ ବ୍ୟାବସାୟିକ ସହଯୋଗ କ୍ଷେତ୍ରରେ ଏହି ସମ୍ମିଳନୀ ବିଶ୍ୱସ୍ତରୀୟ ମଞ୍ଚ ଭାବରେ ଆଦୃତି ଲାଭ କରିଛି । ଚଳଚ୍ଚିତ୍ର, ସଙ୍ଗୀତ, ରେଡ଼ିଓ, ଭିଜୁଆଲ୍ ଇଫେକ୍ଟ ଏବଂ ଆନିମେସନ କ୍ଷେତ୍ରରେ ୱେଭ୍ସ ବଜାରରେ ୮ ଶହ କୋଟିରୁ ଅଧିକ ଟଙ୍କାର କାରବାର ରେକର୍ଡ଼ କରାଯାଇଛି । ଆଜି ଏହି ଶିଖର ସମ୍ମିଳନୀର ଅନ୍ତିମ ଦିନରେ ଏହି କାରବାର ହଜାରେ କୋଟି ଟଙ୍କା ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି ।

ୱେଭ୍ସ ବଜାରରେ ୩ ହଜାରରୁ ଅଧିକ କ୍ରେତା-ବିକ୍ରେତାଙ୍କ ମଧ୍ୟରେ ଆଲୋଚନା ଜରିଆରେ ୫ ଶହ କୋଟିରୁ ଅଧିକ ଟଙ୍କାର କାରବାର ହୋଇଥିଲା । ୮୦ ଆସନ ବିଶିଷ୍ଟ ସ୍ୱତନ୍ତ୍ର ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦର୍ଶକ ଭାଗ ନେଇଥିଲେ ।

## ରେଲ୍ୱେ - ଚାରିଧାମ ଯାତ୍ରା

ଭାରତୀୟ ରେଳବାଇ ପକ୍ଷରୁ ଚାରିଧାମ ଯାତ୍ରା ପାଇଁ ଭାରତ ଗୌରବ ଡିଲକ୍ସ ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରାଯାଇଛି । ଏହି ସ୍ୱତନ୍ତ୍ର ଟ୍ରେନ୍ ବଦ୍ରିନାଥ, ଯୋଶୀମଠ, ଋଷିକେଶ, ପୁରୀ, କୋଣାର୍କ, ରାମେଶ୍ୱରମ୍, ଦ୍ୱାରକା ଆଦି ଧାର୍ମିକ ସ୍ଥଳ ସହିତ କାଶୀ ବିଶ୍ୱନାଥ, ଭୀମଶଙ୍କର, ତ୍ରିମ୍ବକେଶ୍ୱର ଆଦି ଧାର୍ମିକ ସ୍ଥଳକୁ ଚଳାଚଳ କରିବ । ଏହି ଟ୍ରେନ୍ ୮ ହଜାର ୪୨୫ କିଲୋମିଟର

ଦୂରତା ଅତିକ୍ରମ କରିବ । ଚଳିତ ମାସ ୨୭ ତାରିଖରେ ଦିଲ୍ଲୀର ସଫଦରଞ୍ଜ ରେଳଷ୍ଟେସନରୁ ବାହାରି ୧୭ ଦିନ ମଧ୍ୟରେ ଭାରତଗୌରବ ଜିଲକ୍ସ ଟ୍ରେନ୍ ୪ଟି ଧାମ ଓ ଅନ୍ୟାନ୍ୟ ଧାର୍ମିକ ସ୍ଥଳ ପରିକ୍ରମା କରିବ । ଏଥିରେ ଯାତ୍ରା କରିବା ଲାଗି ଆଇ.ଆର୍.ସି.ଟି.ସି. ୱେବ୍‌ସାଇଟ୍‌ରେ ବୁକିଂ କରାଯାଇପାରିବ ।

## ଏନ୍.ଟି.ଏ. - ମିଟ୍ - ୟୁ.ଜି.

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ଆଜି ଦେଶର ୫ ହଜାରରୁ ଅଧିକ ପରୀକ୍ଷା କେନ୍ଦ୍ର ଏବଂ ବିଦେଶର ୧୩ଟି ସହରରେ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା - ନୀଟ୍ ୟୁ.ଜି.-୨୦୨୫ ଅନୁଷ୍ଠିତ ହେଉଛି । ଏନ୍.ଟି.ଏ. ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ନୀଟ୍ ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଆଜି ଅପରାହ୍ଣ ୨ଟାରୁ ୫ଟା ପର୍ଯ୍ୟନ୍ତ ହେବାକୁ ଥିବା ପରୀକ୍ଷାରେ ୨୨ ଲକ୍ଷ ୭୦ ହଜାରରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଗତକାଲି ସମସ୍ତ ପରୀକ୍ଷା କେନ୍ଦ୍ରରେ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ନୀଟ୍ ପରୀକ୍ଷା ସମ୍ବନ୍ଧରେ ସୃଷ୍ଟି ହେଉଥିବା ଗୁଜବର ପ୍ରସାର ବନ୍ଦ କରିବା ଲାଗି ଏନ୍.ଟି.ଏ. ପକ୍ଷରୁ ଏକ ସ୍ୱତନ୍ତ୍ର ପୋର୍ଟାଲ୍ ଜରିଆରେ ଅଭିଯୋଗ ଗ୍ରହଣ କରାଯାଇଛି । ସେଗୁଡ଼ିକୁ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରକୁ

ପଠାଯାଇଥିଲା । ଫଳରେ ୧୬୫ରୁ ଅଧିକ ଟେଲିଗ୍ରାମ୍ ଚ୍ୟାନେଲ୍ ଏବଂ ୩୨ରୁ ଅଧିକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏନ୍.ଟି.ଏ. ପକ୍ଷରୁ ଏଭଳି ଗୁଜବଠାରୁ ଦୂରେଇ ରହିବାକୁ ଅନୁରୋଧ କରାଯାଇଛି । ଛାତ୍ରଛାତ୍ରୀମାନେ କେବଳ ଏନ୍.ଟି.ଏ. ୱେବ୍‌ସାଇଟ୍‌ରୁ ସଠିକ୍ ତଥ୍ୟ ପାଇପାରିବେ ବୋଲି କୁହାଯାଇଛି ।

## ଶାହା - ରିଭ୍ୟୁ ମିଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତକାଲି ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ଜାତୀୟ ସମବାୟ ରପ୍ତାନୀ ଲିମିଟେଡ୍, ଜାତୀୟ ସମବାୟ ଜୈବିକ ଲିମିଟେଡ୍ ଏବଂ ଭାରତୀୟ ବିହନ ସହକାରୀ ସମିତି ଲିମିଟେଡ୍‌ର ଦକ୍ଷତା ଆକଳନ କରିବାପାଇଁ ଅନୁଷ୍ଠିତ ବୈଠକରେ ଶ୍ରୀ ଶାହା ସମବାୟ ରପ୍ତାନୀ, ଜୈବିକ ଉତ୍ପାଦନ ଏବଂ ଗୁଣାତ୍ମକ ବିହନକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଶ୍ରୀ ଶାହା କହିଥିଲେ, ୨୦୨୩ରେ ୩ଟି ଜାତୀୟ ସମବାୟ ଅନୁଷ୍ଠାନ ଗଠନ ହେବା ପରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଏନ୍.ସି.ଇ.ଏଲ୍. ପାଇଁ ୨ ଲକ୍ଷ କୋଟି ଟଙ୍କାର ରପ୍ତାନୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ଯେଉଁଥିରେ ୩ଟି ନୂଆ ଏବଂ ନିର୍ଦ୍ଦିଷ୍ଟ ଉତ୍ପାଦ

ଉପରେ ଧ୍ୟାନ ଦିଆଯାଉଛି । ସମସ୍ତ କାରବାର ପରେ ଲାଭାଂଶକୁ ସମବାୟ ସଂସ୍ଥାକୁ ଫେରସ୍ତ କରିବା ଲାଗି ଶ୍ରୀ ଶାହା ନିର୍ଦ୍ଦେଶ ଦେଇଛନ୍ତି ।

## ବାଲ୍ ପୁରସ୍କାର

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ୨୦୨୫ ପାଇଁ ନାମାଙ୍କନ ଆମନ୍ତ୍ରଣ କରିଛନ୍ତି । ଏହା ଏକ ପ୍ରତିଷ୍ଠିତ ଜାତୀୟସ୍ତରୀୟ ପୁରସ୍କାର, ଯାହା ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରତିବର୍ଷ ସାରା ଦେଶରେ ପିଲାମାନଙ୍କର ଅସାଧାରଣ ସଫଳତାକୁ ସ୍ୱୀକୃତି ଦେବା ପାଇଁ ପ୍ରଦାନ କରାଯାଏ । ନାମାଙ୍କନ ଦାଖଲର ଶେଷ ତାରିଖ ହେଉଛି ଆସନ୍ତା ଜୁଲାଇ ମାସ ୩୧ ତାରିଖ । ସମସ୍ତ ନାମାଙ୍କନ ସରକାରୀ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍ awards.gov.in ମାଧ୍ୟମରେ ଅନ୍‌ଲାଇନ୍‌ରେ ଦାଖଲ କରିବାକୁ ପଡ଼ିବ ।

## ଆଇ.ପି.ଏଲ୍. - କ୍ରିକେଟ୍

ଆଇ.ପି.ଏଲ୍. କ୍ରିକେଟ୍ ସିରିଜ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨ ରନ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଛି । ଚେନ୍ନାଇର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ

ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ଡ୍ୱିକେଟ୍ ବିନିମୟରେ ୨୧୩ ରନ୍ ସ୍କୋର କରିଥିଲା । ରୋମାରିଓ ସିଫର୍ଡ଼ ୧୪ଟି ବଲ୍‌ରେ ଅର୍ଦ୍ଧଶତକ କରିଥିଲେ । ଜବାବରେ ଚେନ୍ନାଇ ସୁପର କିଙ୍ଗ୍‌ସ୍ ୨୦ ଓଭର୍‌ରେ ୫ଟି ୱିକେଟ୍ ବିନିମୟରେ ୨୧୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ସିଫର୍ଡ଼ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ଆଇ.ପି.ଏଲ୍.ରେ ୨ଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍‌ରେ ଅପରାହ୍ଣ ୩ଟା ୩୦ରେ ଇଡେନ୍ ଗାର୍ଡେନ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ଏବଂ ରାଜସ୍ଥାନ ରୟାଲ୍‌ସ୍ ମଧ୍ୟରେ ମୁକାବିଲା ହେବାକୁ ଥିବାବେଳେ ସନ୍ଧ୍ୟା ୭ଟା ୩୦ରେ ଧର୍ମଶାଳାରେ ପଞ୍ଜାବ କିଙ୍ଗ୍‌ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ୍ ମଦ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଖେଲୋ ଇଣ୍ଡିଆ ଗେମ୍‌ସ୍

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-୨୦୨୫ ଆଜିଠାରୁ ବିହାରର ୫ଟି ସହରରେ ଆରମ୍ଭ ହେବ । ସେହି ସହରଗୁଡ଼ିକ ହେଉଛି - ପାଟନା, ରାଜଗିରି, ଗୟା, ଭାଗଲପୁର ଏବଂ ବେଗୁସରାଇ । ନୂଆଦିଲ୍ଲୀରେ ମଧ୍ୟ କେତେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ଭାରତ ସରକାରଙ୍କ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଖେଲୋ ଇଣ୍ଡିଆର ସପ୍ତମ ସଂସ୍କରଣରେ ୫ ହଜାରରୁ ଅଧିକ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି ।

ଆକାଶବାଣୀ ପକ୍ଷରୁ ଉଦ୍‌ଘାଟନୀ ସମାରୋହର ସିଧା ପ୍ରସାରଣ କରାଯିବ । ସନ୍ଧ୍ୟା ୫ଟା ୫୫ରୁ ଆରମ୍ଭ ହୋଇ ସିଧା ପ୍ରସାରଣ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମ ମଧ୍ୟ news on air ଆପ୍, ପ୍ରସାର ଭାରତୀ ସ୍ପୋର୍ଟସ୍ ୟୁଟ୍ୟୁବ୍ ଚ୍ୟାନେଲ୍ ଏବଂ ଡି.ଟି.ଏଚ୍. ମାଧ୍ୟମରେ ପ୍ରସାରଣ ହେବ ।

## ଆଇ.ଏମ୍.ଡି. – ୱେଦର

ଓଡ଼ିଶାରେ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ସିକ୍କିମ୍, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି । ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ସମସ୍ତ ଜିଲ୍ଲା ସହ ଉତ୍ତର ୨୪ ପ୍ରଗଣା, ଦକ୍ଷିଣ ୨୪ ପ୍ରଗଣା, କୋଲ୍‌କାତା ଓ ଏହାର ଆଖପାଖ ଅଞ୍ଚଳରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବ । ପାଣିପାଗ ବିଭାଗ ଏହିସବୁ ଅଞ୍ଚଳଗୁଡ଼ିକରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ବର୍ଷା ହେବା ନେଇ ସୂଚନା ଦେଇଥିବାବେଳେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ତାମିଲ୍‌ନାଡୁ, ପୁଡୁଚେରୀ ଏବଂ କରାଇକାଲ୍‌ରେ ଘଡ଼ଘଡ଼ି ସହ ବଜ୍ରପାତ ଓ ବର୍ଷା ହେବ ବୋଲି ଆକଳନ କରିଛି ।

*****